# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**11 June – 2026**

**************************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ର-ରାଜ୍ୟ ସମନ୍ୱୟ ଉପରେ ନୀତି ଆୟୋଗ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

- ରାଜ୍ୟରେ ସମସ୍ତ ନାଗରିକଙ୍କ ସଶକ୍ତିକରଣ ଉପରେ ସରକାର କାର୍ଯ୍ୟ କରୁଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟସଭା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ।

- ଜବରଦଖଲରେ ଥିବା ମହାପ୍ରଭୁଙ୍କ ଜମିକୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆଣିବା ଲାଗି ପଦକ୍ଷେପ ନେବାକୁ ମୁଖ୍ୟ ପ୍ରଶାସକଙ୍କ ପରାମର୍ଶ ।

ଏବଂ

- ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆସନ୍ତା ୩ ଦିନ ମଧ୍ୟରେ ଓଡ଼ିଶା ଉପକୂଳ ଛୁଇଁବା ନେଇ ଆକଳନ ।

# ନୀତି ଆୟୋଗ

ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବାବେଳେ ଭାରତ ବିଶ୍ୱାସ ଏବଂ ଦୃଢ଼ତାର ସହ ବିକାଶର ଗତି ବଜାୟ ରଖିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଆଜି ନୀତି ଆୟୋଗର ଏକାଦଶ ପରିଚାଳନା ପରିଷଦ ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ଆଡକୁ ଦେଶ ଅଗ୍ରସର ହେଉଛି । ଏହି ସମୟରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉତ୍ତର ଦାୟିତ୍ୱ ଅଧିକ ହୋଇଛି । ଶ୍ରୀ ମୋଦୀ କହିଛନ୍ତି ବିକଶିତ ଭାରତ ଦୃଷ୍ଟିକୋଣ ଲକ୍ଷ୍ୟ ହାସଲ ପାଇଁ ନୀତି ଆୟୋଗ ଏକ ସମନ୍ୱୟ ମଞ୍ଚର ଭୂମିକା ନିର୍ବାହ କରିବା ସହ ରାଜ୍ୟ-ରାଜ୍ୟ ମଧ୍ୟରେ ଜ୍ଞାନ ଆଦାନ ପ୍ରଦାନ ଏବଂ ସମ୍ମିଳିତ ଭାବେ କାର୍ଯ୍ୟ କରିବା ଦିଗରେ ସହାୟକ ହେବ ।

ଶ୍ରୀ ମୋଦୀ କହିଛନ୍ତି ଦେଶର ଯୁବପିଢ଼ୀଙ୍କୁ ଉତ୍ତମ ଶିକ୍ଷା ଚାହିଦା ଆଧାରିତ ଦକ୍ଷତା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ବିଷୟକୁ ନିଶ୍ଚିତ ଭାବେ ଅଗ୍ରାଧିକାର ଦିଆଯିବ । ବିକଶିତ ଭାରତ ଯାତ୍ରାରେ ସଶକ୍ତ ଯୁବପିଢ଼ୀ ହିଁ ପ୍ରେରକ ଶକ୍ତି ହୋଇପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଅନେକଗୁଡ଼ିଏ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିବା ପରେ ଦେଶରେ ବିକାଶ ଏବଂ ରପ୍ତାନୀ କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବାକୁ ଯାଉଛି । ଶ୍ରୀ ମୋଦୀ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ମହିଳା କୈନ୍ଦ୍ରିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । କୃଷି ଏବଂ ଷ୍ଟାର୍ଟଅପ୍‌ରୁ ଆରମ୍ଭ କରି ବିଜ୍ଞାନ ଓ ନବସୃଜନ ପର୍ଯ୍ୟନ୍ତ

ପ୍ରତ୍ୟେକଟି କ୍ଷେତ୍ରରେ ନାରୀଶକ୍ତିର ଅବଦାନକୁ ପ୍ରଶଂସା କରି ରାଜ୍ୟଗୁଡ଼ିକ ମହିଳାମାନଙ୍କୁ ସୁଦୃଢ଼ ଏବଂ ସଶକ୍ତ କରିବା ପାଇଁ ସେମାନଙ୍କ ଲାଗି ଶିକ୍ଷା, ଦକ୍ଷତା, ନିରାପତ୍ତାକୁ ଅଗ୍ରାଧିକାର ଦେବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

'ବିକଶିତ ଭାରତ ୨୦୪୭ ପାଇଁ ସମାବେଶୀ ମାନବ ବିକାଶ' ଶୀର୍ଷକରେ ଆଜି ଅନୁଷ୍ଠିତ ବୈଠକରେ ଦେଶର ନାଗରିକଙ୍କ ବିକାଶ ପାଇଁ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ଉପରାଜ୍ୟପାଳମାନେ ଯୋଗଦେଇଥିଲେ । ବୈଠକ ପରେ ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ନୀତି ଆୟୋଗ ବୈଠକରେ ସୁଶାସନ, ଜନସାଧାରଣଙ୍କ ଭାଗିଦାରୀ ଏବଂ ରାଷ୍ଟ୍ରର ବିକାଶ ସମ୍ପର୍କିତ ବିଭିନ୍ନ ସ୍ତମ୍ଭ ଉପରେ ଆଲୋଚନା ହୋଇଛି । ଓଡ଼ିଶା ସମସ୍ତ ନାଗରିକଙ୍କ ସଶକ୍ତିକରଣ, ତୃଣମୂଳ ସ୍ତରରେ ଥିବା ଅନୁଷ୍ଠାନ ଗୁଡ଼ିକର ଉନ୍ନତିକରଣ ଓ ସାମଗ୍ରିକ ବିକାଶର ଦୃଢ଼ତା ଉପରେ କାର୍ଯ୍ୟ କରୁଛି । ବିକଶିତ ଭାରତ ଏବଂ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଓଡ଼ିଶା ସକ୍ରିୟ ଭାବରେ ଯୋଗଦାନ କରୁଛି ବୋଲି ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି ।

## ଗୋକୁଳାନନ୍ଦ ମଲ୍ଲିକ

କେନ୍ଦ୍ର ଓ ରାଜ୍ୟ ସରକାର ଦେଶର ନୀଳ ଅର୍ଥନୀତିର ବିକାଶ ଉପରେ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟ ମିଶନ ଏବଂ ଓଡ଼ିଶା ଚିଙ୍ଗୁଡି ମିଶନ ଶୀର୍ଷକ ରାଜ୍ୟସ୍ତରୀୟ ଅଂଶୀଦାର ପରାମର୍ଶ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଅଧିକ ମାଛଧରା ଓ ରପ୍ତାନୀ ସୁଯୋଗ ସୃଷ୍ଟି କରିବା ସହିତ ଚିଙ୍ଗୁଡି ମିଶନ ଜରିଆରେ ଏହି ଚାଷରେ ଉତ୍ପାଦନ ବୃଦ୍ଧି ପରିଲକ୍ଷିତ ହୋଇଛି । ଏହା ଲକ୍ଷଲକ୍ଷ ମତ୍ସ୍ୟଜୀବୀଙ୍କ ଜୀବିକାକୁ ସଶକ୍ତ କରିଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ।

**- V/O -**

କାର୍ଯ୍ୟକ୍ରମରେ ବିଭାଗର ବରିଷ୍ଠ ଅଧିକାରୀ, ବିଶେଷଜ୍ଞ, ଉଦ୍ୟୋଗପତି ଓ ସମସ୍ତ ଅଂଶୀଦାରଙ୍କ ସହ ନୀଳ ଅର୍ଥନୀତିର ବିକାଶ ଉପରେ ଆଲୋଚନା ହୋଇଥିଲା ।

## ଦେବାଶିଷ ସାମନ୍ତରାୟ ବିଜୟୀ

ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ରାଜ୍ୟସଭା ଉପନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଉପନିର୍ବାଚନ ପରିଚାଳନା ପାଇଁ ନିଯୁକ୍ତ ରିଟର୍ଣ୍ଣିଂ ଅଫିସର ସତ୍ୟବ୍ରତ ରାଉତ’ ଶ୍ରୀ

ସାମନ୍ତରାୟ ବିଜୟ ହୋଇଥିବା ନେଇ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ଶ୍ରୀ ସାମନ୍ତରାୟ ବିଜେପି ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ ହୋଇଥିଲା । ତେବେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି ।

Puri

## ପୁରୀ ରଥଯାତ୍ରା ପ୍ରସ୍ତୁତି

ବିଭିନ୍ନ ସ୍ଥାନରେ ଜବରଦଖଲରେ ଥିବା ମହାପ୍ରଭୁଙ୍କ ଜମିକୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆଣିବା ଲାଗି ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ପରାମର୍ଶ ଦେଇଛନ୍ତି । ରାଜ୍ୟର ବିଭିନ୍ନ ନ୍ୟାୟାଳୟରେ ଏ ସମ୍ପର୍କିତ ମାମଲା ଗୁଡ଼ିକର ବିଚାର ତ୍ୱରାନ୍ୱିତ କରିବା ଉପରେ ଡକ୍ଟର ପାଢ଼ୀ ଗୁରୁତ୍ୱ ଦେଇଥିବା ଜଣାପଡିଛି ।

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଆଉ ଅଳ୍ପଦିନ ବାକିଥିବାବେଳେ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ଚାଲିଛି । ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ପାଢ଼ୀ ବରିଷ୍ଠ ଅଧିକାରୀଙ୍କ ସହ ରଥନିର୍ମାଣ ସମ୍ପର୍କିତ ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଛନ୍ତି । ରଥନିର୍ମାଣ କାର୍ଯ୍ୟ ତଦାରଖ କରିବା ଅବସରରେ ମୁଖ୍ୟ ପ୍ରଶାସକ ସେଠାରେ କାର୍ଯ୍ୟ

କରୁଥିବା କାରିଗରଙ୍କ ସହ ଆଲୋଚନା କରି ସନ୍ତୋଷ ପ୍ରକାଶ କରିଛନ୍ତି । କରତକଲରେ ପହଞ୍ଚିଥିବା ତାଲକାଠ ଶୀଘ୍ର ଚିରଟ କରି ଚାରମାଳ ଗଚ୍ଛିତ ରଖିବାକୁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିସରରେ ନିର୍ମାଣାଧୀନ କୋଇଲି ବୈକୁଣ୍ଠ ଫୁଲଗୁନ୍ଥା ଗୃହକାର୍ଯ୍ୟ ଶୀଘ୍ର ଶେଷକରିବା ଲାଗି ଡକ୍ଟର ପାଢ଼ୀ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀଗୁଣ୍ଡିଚା ମନ୍ଦିରର ସମସ୍ତ ନିର୍ମାଣାଧୀନ କାର୍ଯ୍ୟ ମଧ୍ୟ ଚଳିତମାସ ୨୦ ତାରିଖ ସୁଦ୍ଧା ଶେଷ କରିବା ଲାଗି ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି ।

**ସ୍ୱତନ୍ତ୍ର ଯାଞ୍ଚ**

ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ ଓ ଯାତ୍ରୀଙ୍କ ସୁରକ୍ଷା ବୃଦ୍ଧି ଲକ୍ଷ୍ୟରେ ସ୍ୱତନ୍ତ୍ର ଯାଞ୍ଚ ଆରମ୍ଭ ହୋଇଛି । ସ୍ଲିପର ବସ୍ ଗୁଡ଼ିକରେ ଲାଗିଥିବା ବେଆଇନ ଡ୍ରାଇଭର ପାଟିସନ ଡୋର ବିରୋଧରେ ଗତ ୭ ଦିନ ମଧ୍ୟରେ ୩ହଜାର ୩ଶହ ୪ଟି ଗାଡ଼ିର ଯାଞ୍ଚ କରାଯିବା ସହିତ ୩ଶହ ଅଣାନବେଟି ଇ-ଚାଲାଣ ଜାରି କରାଯାଇଛି । ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଏହି ସ୍ୱତନ୍ତ୍ର ଚଢ଼ଉ ଆଗାମୀ ଦିନରେ ଜାରି ରହିବ । ବସ୍ ମାଲିକମାନଙ୍କୁ ସଡ଼କ

ସୁରକ୍ଷା ନିୟମକୁ ପ୍ରାଧାନ୍ୟ ଦେଇ ଗାଡ଼ି ଚଳାଇବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି ।

## ମଡେଲ ଗୁଡ଼ିକ ଅଧ୍ୟୟନ

ଏସୀୟ ଉନ୍ନୟନ ବ୍ୟାଙ୍କ ସହଯୋଗରେ ଆୟୋଜିତ ଅନୁଭୂତି ବିନିମୟ କାର୍ଯ୍ୟକ୍ରମରେ ରାଜସ୍ଥାନ ଜୟପୁରର ଏକ ୯ ସଦସ୍ୟ ବିଶିଷ୍ଟ ପ୍ରତିନିଧି ଦଳ ଓଡ଼ିଶା ଗସ୍ତ କରି ରାଜ୍ୟର ସହରାଞ୍ଚଳ ବିକାଶ, ଜଳଯୋଗାଣ, ପରିମଳ ବ୍ୟବସ୍ଥା ଏବଂ ନାଗରିକ କୈନ୍ଦ୍ରିକ ଶାସନ ବ୍ୟବସ୍ଥାର ସଫଳ ମଡେଲ ଗୁଡ଼ିକ ଅଧ୍ୟୟନ କରିଛନ୍ତି । ପ୍ରତିନିଧି ଦଳ ଭୁବନେଶ୍ୱର ଓ ପୁରୀର ପ୍ରମୁଖ ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପ ପରିଦର୍ଶନ ସହ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି ।

## ବୈଠକ

ଗଂଜାମ ଜିଲ୍ଲା ଛତ୍ରପୁର ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ବ୍ୟାଙ୍କ ସମୁହ ପକ୍ଷରୁ ଅର୍ଥ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗଂଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ହିତାଧିକାରୀ ମାନଙ୍କୁ ସଠିକ ଭାବେ ଋଣ ପ୍ରଦାନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଆର୍ଥିକ ବର୍ଷ ପାଇଁ

ପ୍ରାଥମିକତା କ୍ଷେତ୍ରରେ ମୋଟ ୨୧ ହଜାର ୬୫୯ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଅଣ ପ୍ରାଥମିକତା କ୍ଷେତ୍ରରେ ୯ ହଜାର ୮୧୬ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

**ଆଲୋଚନା**

ଭୁବନେଶ୍ୱରସ୍ଥିତ ଓଡ଼ିଶା ଭର୍ଚୁଆଲ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ୧୦ ଦିବସୀୟ ପୋଥି ବିଜ୍ଞାନ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେ କାର୍ଯ୍ୟକ୍ରମରେ ଯୋଗଦେଇ ସୂଚୀକରଣ ଓ ପୁର୍ନଲିଖନର ଗୁରୁତ୍ୱ ଏବଂ ଭାଷା ସମୃଦ୍ଧି ଅଭିଯାନ ଉପରେ ଆଲୋଚନା କରିଥିଲେ । କର୍ମଶାଳାରେ ବିଭିନ୍ନ ସ୍ଥାନରୁ ବିଦ୍ୟାର୍ଥୀ, ଗବେଷକ ଓ ଅଧ୍ୟାପକମାନେ ସାମିଲ ହୋଇଥିଲେ ।

**ସମୀକ୍ଷା**

ମାଲକାନଗିରି ଜିଲ୍ଲାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଏବଂ ବିଭିନ୍ନ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯାଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ରୋଗୀମାନଙ୍କୁ ଉନ୍ନତମାନର ସେବା ପ୍ରଦାନ,

ପରିଷ୍କାର-ପରିଚ୍ଛନ୍ନତା ଏବଂ ଗୁଣବତ୍ତା ମାନଦଣ୍ଡର ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ମାଲେରିଆ, କ୍ଷୟରୋଗ , ଅଣ-ସଂକ୍ରାମକ ରୋଗ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ମାତୃ ସ୍ୱାସ୍ଥ୍ୟ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସୂଚକର ସମୀକ୍ଷା ହୋଇଥିଲା।

## ସଚେତନତା ଶିବିର

ଯାଜପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଦାନଗଦି ବ୍ଲକର କାରାମଗୋଠ ଏବଂ ରାଇଘାଟି ଗ୍ରାମରେ ଅନ୍ଧବିଶ୍ୱାସ ନିବାରଣ ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅନ୍ଧବିଶ୍ୱାସ ନିବାରଣ ସମ୍ପର୍କିତ ପାଲା ପରିବେଷଣ କରାଯାଇଥିଲା ।

## ଅନ୍ତର୍ଜାତୀୟ ଖେଳ ଦିବସ

ଶିଶୁଙ୍କ ଜୀବନ, ଶିକ୍ଷା ଓ ବିକାଶରେ ଖେଳର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଆଜି ଅନ୍ତର୍ଜାତୀୟ ଖେଳ ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ଖେଳ ଓ ଶୈଶବକୁ ସୁରକ୍ଷା ଦେବା'। ମିଳିତ ଜାତିସଂଘର ସାଧାରଣ ସଭାରେ ଅନ୍ତର୍ଜାତୀୟ ଖେଳ ଦିବସ ପାଳନ ନିଷ୍ପତ୍ତି ନିଆଯାଇଥିଲା। ୧୯୮୯ ମସିହାରେ ଜାତିସଂଘ ଶିଶୁ ଅଧିକାର ସମ୍ମେଳନକୁ ପ୍ରଥମେ ଅନୁମୋଦନ ମିଳିଥିଲା। ଏହି ଅନ୍ତର୍ଜାତୀୟ

ଚୁକ୍ତିନାମା ପ୍ରତ୍ୟେକ ଶିଶୁଙ୍କ ବିଶ୍ରାମ, ଅବକାଶ ଓ ବୟସ ଅନୁଯାୟୀ ଖେଳ ଏବଂ ମନୋରଞ୍ଜନ କାର୍ଯ୍ୟରେ ନିୟୋଜିତ ସାଂସ୍କୃତିକ ଜୀବନ ଓ କଳାକ୍ଷେତ୍ରରେ ମୁକ୍ତ ଭାବରେ ଅଂଶଗ୍ରହଣ କରିବାର ଅଧିକାରକୁ ସୁନିଶ୍ଚିତ କରିଥାଏ ।

## ପାଣିପାଗ

ରାଜ୍ୟରେ ଆସନ୍ତା ୩ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । କାଳବୈଶାଖୀ ପ୍ରଭାବରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଝଡ଼ବର୍ଷା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷରେ ପ୍ରବଳ ଗରମ ଓ ଗୁଳଗୁଳି ନେଇ ଆଗାମୀ ଦୁଇଦିନ ପାଇଁ ୧୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି ।